୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.34 Bhubaneswar Wednesday March 12 2025 | ୨୭ତମ ବର୍ଷ ସଂଖ୍ୟା-୩୪ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୨, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 (Air Surcharge - 0.50P) | Member-INS

## ବିଧାନସଭାରେ କଳଙ୍କିତ ଅଧ୍ୟାୟ: ଶାସକ-ବିରୋଧୀ ବିଧାୟକ ଧସ୍ତାଧସ୍ତି, ତାରା ନିଲମ୍ବିତ



ଭୁବନେଶ୍ୱର,୧୧।୩(ପି.ଏନ): ଓଡିଶା ବିଧାନସଭାରେ ମଙ୍ଗଳବାର ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ଦିନରେ ପ୍ରଶ୍ନକାଳ ଆରମ୍ଭରୁ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନେ ପ୍ରତିବାଦ ଓ ହଟ୍ଟଗୋଳ ଜାରି ରଖିଥିବାବେଳେ ଶାସକ ବିଜେପି ବିଧାୟକମାନଙ୍କ ସହ ଧସ୍ତାଧସ୍ତି ଭଳି ସ୍ଥିତି ଉପୁଜିଥିଲା । ବାଚସ୍ପତି ସୁରମା ପା?ୀ ମଙ୍ଗଳବାର ସନ୍ଧ୍ୟାରେ କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ୭ଟି କାର୍ଯ୍ୟଦିବସ ପାଇଁ ଗୃହରୁ ନିଲମ୍ବନ ଘୋଷଣା କରିବା ପରେ ସ୍ଥିତି ଅଧିକ ଜଟିଳ ହୋଇଛି । କଂଗ୍ରେସ ବିଧାୟକମାନେ ଏହାର ପ୍ରତିବାଦରେ କଳାପଟି ମୁହଁରେ ବାନ୍ଧି ଗାନ୍ଧିମୂର୍ତ୍ତି ତଳେ ପ୍ରତିବାଦ କରିଥିବାବେଳେ ବିଜେଡି ମଧ୍ୟ ତାରାଙ୍କ ସମର୍ଥନରେ ବାହାରିଛି । ତେବେ ବାଚସ୍ପତିଙ୍କ କାର୍ଯ୍ୟାନୁଷ୍ଠାନକୁ ଶାସକ ବିଜେପିର ବିଧାୟକମାନେ ଯଥାର୍ଥ ବୋଲି କହିଛନ୍ତି । ମାତ୍ର ମଙ୍ଗଳବାର ଗୃହରେ ଯେଉଁଭଳି ସ୍ଥିତି ଉପୁଜିଲା ତାହା ଓଡିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ କେବେ ଦେଖିବାକୁ ମିଳିନଥିଲା । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା ଓ ବିଜେପି ବିଧାୟକ ଅଶୋକ ମହାନ୍ତି ପରସ୍ପରକୁ ଠେଲାପେଲା ଓ କଲର ଧରିଥିବାର ଦୃଶ୍ୟ ରାଜ୍ୟବାସୀ ଦେଖିଛନ୍ତି । ଜନପ୍ରତିନିଧିମାନଙ୍କ ଏଭଳି ଆଚରଣକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

### ବିଧାନସଭାରେ କଳଙ୍କିତ ଅଧ୍ୟାୟ

ମଙ୍ଗଳବାର ପୂର୍ବାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । କଂଗ୍ରେସ ବିଧାୟକମାନେ ନାରୀ ନିର୍ଯାତନା ଘଟଣାରେ ପ୍ଲାକାର୍ଡ ଧରି ସରକାରଙ୍କ ବିରୋଧରେ ବାଚସ୍ପତିଙ୍କ ପୋଡିୟମ ନିକଟରେ ହଟ୍ଟଗୋଳ କରୁଥିବାବେଳେ ବିଜେଡି ବିଧାୟକମାନେ ରାଜ୍ୟ ବିଭାଜନର ମନ୍ତବ୍ୟ ଦେଇଥିବା ଜୟନାରାୟଣ ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଦାବି କରି ହଟ୍ଟଗୋଳ କରିଥିଲେ । ତେବେ ଏହି ହଟ୍ଟଗୋଳ ଭିତରେ ବାଚସ୍ପତି ଶ୍ରୀମତୀ ପା?ୀ ପ୍ରଶ୍ନକାଳ ଆରମ୍ଭ ପାଇଁ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଡାକିଥିଲେ । ଆଉ ମନ୍ତ୍ରୀ ନିଜର ଉତ୍ତର ରଖୁଥିବାବେଳେ ତାଙ୍କ ସମ୍ମୁଖରେ ବିଧାୟକ ଶ୍ରୀ ବାହିନୀପତି ଛିଡା ହୋଇ ତାଙ୍କୁ ନିଜର ଉତ୍ତର ବନ୍ଦ କରିବାକୁ ଅନୁରୋଧ କରୁଥିଲେ । ମାତ୍ର ଏହି ସମୟରେ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ସେଠାକୁ ଯାଇ ତାରାଙ୍କୁ ଧକ୍କା ଦେଇଥିଲେ । ତାରା କହିଛନ୍ତି ଯେ, ସେ ଗଣତାନ୍ତ୍ରିକ ଉପାୟରେ ମନ୍ତ୍ରୀଙ୍କ ଉତ୍ତରକୁ ବିରୋଧ କରୁଥିବାବେଳେ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ତାଙ୍କ କଲରକୁ ଭିଡି ଧରି ଧକ୍କା ମାରିଥିଲେ । ଗୃହ ଅର୍ଡରରେ ନାହିଁ, ତେଣୁ ଉତ୍ତର ନରଖିବାକୁ ମନ୍ତ୍ରୀଙ୍କୁ ସେ ଅନୁରୋଧ କରୁଥିଲେ । ମାତ୍ର ସରକାରୀ ଦଳ ମୁଖ୍ୟ ସଚେତକ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସାରାରେ ବିଜେପି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ଧସ୍ତାଧସ୍ତି କରିଥିଲେ ବୋଲି ଶ୍ରୀ ବାହିନୀପତି କହିଛନ୍ତି । ଏହାପୂର୍ବରୁ ତାରା ବାଚସ୍ପତିଙ୍କ ପୋଡିୟମ ଉପରେ ଚ? ବିରୋଧ ପ୍ରଦର୍ଶନ କରିଥିଲେ । ତେବେ ବିଜେପି ବିଧାୟଙ୍କ ଟଙ୍କଧର ତ୍ରିପାଠୀ ଅଭିଯୋଗ କରିଛନ୍ତି ଯେ, ଗଣତନ୍ତ୍ରରେ ବିରୋଧୀ ଦଳ ହେଉଛି ଏକ ଅଂଶ । କିନ୍ତୁ ଗୃହରେ ବିରୋଧୀ ଦଳ ଗୋଟିଏ ସୀମା ମଧ୍ୟରେ ରହିବା ଉଚ୍ତି୍ । ଗୃହରେ ମନ୍ତ୍ରୀ ଉତ୍ତର ରଖୁଥିବାବେଳେ ବିଜେଡି ଓ କଂଗ୍ରେସ ବିଧାୟକମାନେ ତାଙ୍କର ମାଇକ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ ଓ ତାଙ୍କ ଫାଇଲ୍ ନେଇଯାଇଥିଲେ । ଏହା ଗଣତନ୍ତ୍ରରେ କଦାପି ଗ୍ରହଣୀୟ ନୁହେଁ। ସେହିପରି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ଗୃହର ମଧ୍ୟଭାଗରେ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଏଭଳି ଧସ୍ତାଧସ୍ତି ଓ ଠେଲାପେଲା ହେବା ସେ କେବେ ଦେଖିନଥିଲେ । ଓଡିଶା ବିଧାନସଭା ଇତିହାସରେ ଏଭଳି ମଧ୍ୟ କେବେ ହୋଇନାହିଁ । ପ୍ରଥମଥର ପାଇଁ ଗୃହର ମହିଳା ସଦସ୍ୟମାନେ ଭୟଭୀତ ହୋଇପଡିଥିଲେ । ଗୃହରେ ହଟ୍ଟଗୋଳ ଜାରି ରହିଥିବାବେଳେ ବାଚସ୍ପତି ମଧ୍ୟ ଗୃହରେ ସ୍ୱାଭାବିକ କାର୍ଯ୍ୟ ନିମନ୍ତେ ଅନୁମତି ଦେବା ଉଚ୍ତି୍ ନଥିଲା । ବିଜେପି ବିଧାୟକମାନେ ଆମର ବରିଷ୍ଠ ନେତାମାନଙ୍କୁ ଠେଲାପେଲା ମଧ୍ୟ କରିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ ।

ପ୍ରଥମାର୍ଦ୍ଧରେ ଗୃହ ଚାଲିବା ସମ୍ଭବପର ହୋଇନଥିବାବେଳେ ଦ୍ୱିତୀୟାର୍ଦ୍ଧରେ ତାରାଙ୍କୁ ୭ଟି କାର୍ଯ୍ୟଦିବସ ପାଇଁ ଗୃହରୁ ନିଲମ୍ବନ କରାଗଲା ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ରୁଲିଂ ଦେଇଥିଲେ । ଯାହାକୁ ପ୍ରତିବାଦ କରି କଂଗ୍ରେସ ଗାନ୍ଧିମୂର୍ତ୍ତି ତଳେ କଳାପଟି ବାନ୍ଧି ପ୍ରତିବାଦ କରିଛି । ପିସିସି ସଭାପତି ଭକ୍ତ ଦାସ ମଧ୍ୟ ବିଧାୟକମାନଙ୍କ ସହ ପ୍ରତିବାଦରେ ସାମିଲ ହୋଇଛନ୍ତି ।

### ବିଧାନସଭା ଭିତରେ 'ଲଣ୍ଠନ' ଧରି ଖୋଜିଲା ବିଜେଡି

ବିଧାନସଭା ପରିସରରେ ବିରୋଧୀ ବିଜେଡି ବିଧାୟକମାନେ ଆଜି ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି । ବିଜେଡି ବିଧାୟକମାନେ ହାତରେ ଲଣ୍ଠନ ଧରି ବିଧାନସଭା କରିଡରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଖୋଜୁଥିବା କହିଥିଲେ । ବରିଷ୍ଠ ବିଧାୟକ ଅରୁଣ ସାହୁଙ୍କ ନେତୃତ୍ୱରେ ଦଳର ବିଧାୟକମାନେ ବିଧାନସଭା ପରିସରରେ ଲଣ୍ଠନ ଧରି ଶୋଭାଯାତ୍ରା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠ ଓ ଅନ୍ୟାନ୍ୟ ପ୍ରକୋଷ୍ଠ ନିକଟରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଖୋଜୁଥିବା କହିଥିଲେ । ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ଦ୍ୱାରା ରାଜ୍ୟ ବିଭାଜନ ମନ୍ତବ୍ୟ ଉପରେ ମୁଖ୍ୟମନ୍ତ୍ରୀଙ୍କ ନିରବତା ଓ ଗୃହରେ ବିଧାୟକମାନଙ୍କୁ ମାଡ ମରାଯାଉଥିବା ଘଟଣାରେ ନିରବ ରହିବାକୁ ନେଇ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଖୋଜାଯାଉଛି ବୋଲି ବିଜେଡି ବିଧାୟକମାନେ ଅଭିଯୋଗ କରିଥିଲେ । ଅବଶ୍ୟ 'ମୁଖ୍ୟମନ୍ତ୍ରୀ ନିଖୋଜ' ଦର୍ଶାଇ ଗତ ପ୍ରାୟ ୩ବର୍ଷ ତଳେ ବିଜେପି ବିଧାୟକମାନେ ଅନୁରୂପ ଢଙ୍ଗରେ ପ୍ରତିବାଦ କରିଥିଲେ । ବିଜେପି ସେତେବେଳେ ବିରୋଧୀ ଦଳରେ ଥିବାବେଳେ ବିଜେଡି କ୍ଷମତାରେ ରହିଥିଲା । ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହକୁ ଆସୁନଥିବାରୁ ବିଜେପି ବିଧାୟକମାନେ ବିଧାନସଭାରୁ ଶୋଭାଯାତ୍ରାରେ ନବୀନ ନିବାସ ଯାଇଥିଲେ । ସେଠାରେ ବିଜେଡି ବିଧାୟକମାନେ ସେମାନଙ୍କୁ ଲେମ୍ବୁ ପାଣି ଦେଇ ସ୍ୱାଗତ କରିବାର ରୋଚକ ଦୃଶ୍ୟ ରାଜ୍ୟବାସୀ ଦେଖିଥିଲେ ।

### ଜିଦରେ ଅଟଳ ଜୟନାରାୟଣ, ନାପସନ୍ଦ କଲେ ଆଇନ ମନ୍ତ୍ରୀ

ଓଡିଶାରେ ମିଶିବା ଏକ ଐତିହାସିକ ଭୁଲ୍ ବୋଲି କହି ରାଜ୍ୟ ବିଭାଜନ ବୟାନ ଦେଇଥିବା ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଆଜି ୪ଦିନ ପରେ ପୁଣିଥରେ ମୁହଁ ଖୋଲିଛନ୍ତି । ସେ ତାଙ୍କର ଆଭିମୁଖ୍ୟରେ ଅଟଳ ଅଛନ୍ତି ଓ ମତ ପରିବର୍ତ୍ତନ କରିବେ ନାହିଁ ବୋଲି ଆଜି ରୋକଠୋକ୍ ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି । ତାଙ୍କର ଓଡିଶା ବିଭାଜନ ଭଳି ମନ୍ତବ୍ୟ ଓ ରାଜ୍ୟ ସଙ୍ଗୀତକୁ ଅସମ୍ମାନ କରି ବସି ରହିବାକୁ ନେଇ ବିରୋଧୀ ବିଜେଡି ଗୃହରେ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଦାବି କରିଥିବାବେଳେ ବିଜେପି ମଧ୍ୟ ନିରବ ରହିଛି । ଗତ ୪ଦିନ ଧରି ବିଭିନ୍ନସ୍ତରରୁ ପ୍ରତିକ୍ରିୟା ପ୍ରକାଶ ପାଉଥିଲେ ମଧ୍ୟ ସରକାର ଏନେଇ ମୁହଁ ଖୋଲିନଥିଲେ । ମାତ୍ର ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ମନ୍ତବ୍ୟ ଜୟନାରାୟଣ ମିଶ୍ରଙ୍କର ବ୍ୟକ୍ତିଗତ ମତ। ଏହାକୁ ସରକାର ସମର୍ଥନ କରନ୍ତି ନାହିଁ ବୋଲି କହି ଜୟନାରାୟଣଙ୍କ ରାଜ୍ୟ ବିଭାଜନକାରୀ ମନ୍ତବ୍ୟକୁ ନେଇ ଚାଲିଥିବା ବିବାଦର ପ୍ରଶମିତ ନିମନ୍ତେ ଉଦ୍ୟମ କରିଛନ୍ତି । ଜୟନାରାୟଣ ଆଜି ମଧ୍ୟ ନିଜର ଆଭିମୁଖ୍ୟକୁ ଅଧିକ ଶାଣିତ କରି ସେ ଯାହା କହିଛନ୍ତି ସେଥିରୁ ଓହରିବାର ନାହିଁ । ବରଂ ରାଜ୍ୟ ସଙ୍ଗୀତ ଗାନବେଳେ ସେ ଚେୟାରରେ ବସିରହିବାକୁ ଯଥାର୍ଥ ବୋଲି ଦର୍ଶାଇଛନ୍ତି । କଂଗ୍ରେସ ବିଧାୟକ ଅଶୋକ ଦାସ ରାଜ୍ୟ ସଙ୍ଗୀତକୁ ଅସମ୍ମାନ ସେମାନଙ୍କର ଅହଙ୍କାରର ପରିଚୟ ବୋଲି କହିଥିବାବେଳେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ କଡା ଭାଷାରେ ଜୟନାରାୟଣଙ୍କୁ ସମାଲୋଚନା କରିଛନ୍ତି ।

## ପାଣ୍ଡିଆନଙ୍କୁ ଛାଡିପାରୁନି ବିଜେଡି, ସନ୍ୟାସ ପରେ ବି ଦଳ ସହ ଜଡିତ



ଭୁବନେଶ୍ୱର,୧୧।୩(ପି.ଏନ): ବିଜୁ ଜନତା ଦଳ ନେତା ମନ୍ମଥ ରାଉତରାୟ ଗତକାଲି ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କୁ ସାକ୍ଷାତ୍ କରିଛନ୍ତି । ମନ୍ମଥ ଦ୍ୱିତୀୟ ବିବାହ କରିଥିବାବେଳେ ନବଦମ୍ପତି ଲିଙ୍ଗରାଜଙ୍କ ଦର୍ଶନ ପରେ ନବୀନ ନିବାସ ଯାଇଥିଲେ ।ପାଣ୍ଡିଆନ ଦେଲେ ଆର୍ଶୀବାଦ: ଏହାର ଫଟୋ ମନ୍ମଥ ନିଜ ଫେସବୁକରେ ଶେୟାର କରିଛନ୍ତି । ତେବେ ନବୀନଙ୍କ ଫଟୋକୁ ନେଇ ଯେତିକି ଚର୍ଚ୍ଚା ଓଡିଶାରେ ହେଉ ନାହିଁ, ତା'ଠାରୁ ଅଧିକ ଚର୍ଚ୍ଚା ହେଉଛି ମନ୍ମଥଙ୍କ ଆଉ ଏକ ଫଟୋକୁ ନେଇ ।ସୁପ୍ରିମୋଙ୍କ ନିଷ୍ପତ୍ତି: ରାଜନୀତିରୁ ସନ୍ୟାସ ଗ୍ରହଣ କରିବା ପରେ ମଧ୍ୟ ନବୀନଙ୍କୁ ଛାଡି ନାହାଁନ୍ତି ପାଣ୍ଡିଆନ୍ । ଏ ନେଇ ବିଜେଡି ବିଧାୟକ ସାରଦା ଜେନା କହିଛନ୍ତି, ପାଣ୍ଡିଆନ୍ ବାବୁ ସରକାରରେ ଥିଲେ । ସେ ବଡ ପଦ-ପଦବୀରେ ରହିଛନ୍ତି । ସନ୍ୟାସୀ ନେଲେ ମାନେ ସେ ହିମାଳୟ ଯାଇ ନାହାନ୍ତି । ଦଳର ସୁପ୍ରିମୋ ନବୀନ ଯାହା ନିଷ୍ପତ୍ତି ନେବେ ସେୟା ହେବ । ସରିନି କ୍ରେଜ୍: ଓଡିଶାରେ ଏବେ ବି ପାଣ୍ଡିଆନଙ୍କ କ୍ରେଜ ରହିଛି । ଯାହା ପାଇଁ ଲୋକମାନେ ତାଙ୍କ ସହ ଫଟୋ ଉଠାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଏଥିସହ ପାଣ୍ଡିଆନଙ୍କୁ ନେଇ ମିଡିଆ ଅପପ୍ରଚାର କରିବା ସହ ସେ ଏବେବି ଦଳ ସହିତ ଜଡିତଥିବା ସାରଦା କହିଛନ୍ତି ।

## ଜୟ ନାରାୟଣ ମିଶ୍ରଙ୍କ ବିବାଦୀୟ ବକ୍ତବ୍ୟ : ସବୁଠି ବିରୋଧ



ଭୁବନେଶ୍ୱର,୧୧।୩(ପି.ଏନ): ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ବକ୍ତବ୍ୟକୁ ନେଇ ଏବେ ସାରା ଓଡ଼ିଶାରେ ରାଜନୈତିକ ତୁମ୍ବି ତୋଫାନ ଦେଖିବାକୁ ମିଳିଛି । ଏକ ସରକାରୀ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସଙ୍ଗୀତକୁ ଯେଉଁ ଭଳି ଅପମାନିତ କଲେ ଏବଂ ବିଧାନସଭାରେ କଂଗ୍ରେସ ଦଳର ବିଧାୟକ ତାରାବାହିନି ପତିଙ୍କୁ ହୋଇଥିବା ଅସମ୍ମାନକୁ ଦୃଢ଼ ନିନ୍ଦା କରିଛି ଆଠଗଡ଼ ଯୁବ କଂଗ୍ରେସ । ଏନେଇ ଯୁବ କଂଗ୍ରେସ ପକ୍ଷରୁ ବିଧାୟକ ଜୟ ନାରାୟଣ ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ବିଜେପିର ଏହା କଣ ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରିଛି ଦଳ । ଯୁବ କଂଗ୍ରେସର ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ସଦସ୍ୟ ମାନେ ପୁରୁଣା ବସ୍ ଷ୍ଟାଣ୍ଡ ଠାରେ ବିଜେପି ବିରୁଦ୍ଧରେ ନାରାବାଜି କରିବା ସହ ଜୟନାରାୟଣ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରିଛି ।

## ଟ୍ରେନ ଅପହରଣ କଲେ ଆତଙ୍କବାଦୀ: ଶତାଧିକ ପଣବନ୍ଦୀ, ୬ ସେନା ଅଧିକାରୀଙ୍କୁ ମାରିଲେ



ଭୁବନେଶ୍ୱର,୧୧।୩(ପି.ଏନ): ପାକିସ୍ତାନରେ ହୋଇଛି ବଡଧରଣର ଆତଙ୍କବାଦୀ ହମଲା। ବେଲୁଚିସ୍ତାନ ଲିବେରେସନ ଆର୍ମି ପକ୍ଷରୁ ଜାଫର ଏକ୍ସପ୍ରେସକୁ ଅପହରଣ କରାଯାଇଛି। ଆତଙ୍କବାଦୀମାନେ ବନ୍ଧୁକମୁନରେ ଟ୍ରେନକୁ ଅପହରଣ କରି ଶତାଧିକ ଯାତ୍ରୀଙ୍କୁ ପଣବନ୍ଦୀ କରି ରଖିଛନ୍ତି। ଏମାନଙ୍କ ମଧ୍ୟରେ ୧୦୦ରୁ ଅଧିକ ପାକିସ୍ତାନ ସେନା ଅଧିକାରୀ ଓ କର୍ମଚାରୀ ରହିଛନ୍ତି। ସେହିପରି ଅପହରଣ ପରେ ସେମାନେ ୬ ଜଣ ସେନା କର୍ମଚାରୀଙ୍କୁ ହତ୍ୟା କରିସାରିଲେଣି ।ପାକିସ୍ତାନ ସରକାରଙ୍କୁ ବିଏଲଏ ପକ୍ଷରୁ ନରସଂହାରର ଧମକ ଦିଆଯିବା ସହ ସ୍ୱତନ୍ତ୍ର ବେଲୁଚିସ୍ତାନ ଗଠନ ପ୍ରକ୍ରିୟା ଉପରେ ମୋହର ମାରିବାକୁ ଦାବି କରିଛନ୍ତି। ସ୍ଥିତି ଅତ୍ୟନ୍ତ ଭୟଙ୍କର ଥିବା ବେଳେ ବେଲୁଚିସ୍ତାନ ସରକାର ଏମର୍ଜ?ନ୍ସି ଜାରି କରିଛନ୍ତି। ଅପହରଣ ଯୋଗୁ ଟ୍ରେନଟି ରେଳ ଧାରଣା ଉପରେ ରହିଛି। ସେଠାରେ ସୁରକ୍ଷାକର୍ମୀମାନେ ପହଞ୍ଚିଥିବା ବେଳେ ଗୁଳି ବିନିମୟ ଆରମ୍ଭ ହୋଇଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ ବିଏଲଏର ଆତଙ୍କବାଦୀମାନେ ଜାଫର ଏକ୍ସପ୍ରେସକୁ ଅପହରଣ କରି ଯାତ୍ରୀମାନଙ୍କୁ ପଣବନ୍ଦୀ କରି ରଖିଛନ୍ତି। ଟ୍ରେନଟି ପାକିସ୍ତାନର ଦକ୍ଷିଣପଶ୍ଚିମ ବେଲୁଚିସ୍ତାନ ପ୍ରଦେଶର କ୍ୱେଟାରୁ ଖାୟବର ପାଖତୁନଖ୍ୱାର ପେଶାୱରକୁ ଯାଉଥିଲା। ଏହାର ୯ଟି ବଗିରେ ମୋଟ ୪୦୦ ଜଣ ଯାତ୍ରୀ ଥିଲେ। ମୋଟ ୩୦ ଘଣ୍ଟାର ଯାତ୍ରା ସକାଳ ୯ଟାରୁ ଆରମ୍ଭ ହୋଇଥିଲା। କିନ୍ତୁ ଦିନ ପ୍ରାୟ ୨ଟା ବେଳେ ବିଏଲଏର ସଦସ୍ୟମାନେ ବେଲାନ ଜିଲ୍ଲା ମୁଶକାଫ ଦେଇ ଯାଇଥିବା ରେଳ ଧାରଣାକୁ ବିସ୍ଫୋରଣ କରି ଉଡାଇ ଦେଇଥିଲେ। ଫଳରେ ଟ୍ରେନଟି ବାଧ୍ୟ ହୋଇ ସେଠାରେ ଅଟକିଥିଲା। ଏହାପରେ ବନ୍ଧୁକଧାରୀ ଆତଙ୍କବାଦୀମାନେ ଟ୍ରେନରେ ଚ? ଯାତ୍ରୀମାନଙ୍କୁ ପଣବନ୍ଦୀ କରିଛନ୍ତି।

### ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ନବୀନ, କରିବେ ଡି-ଲିମିଟେଶନ୍ ବିଷୟରେ ଆଲୋଚନା

ଭୁବନେଶ୍ୱର,୧୧।୩(ପି.ଏନ): ଡି-ଲିମିଟେଶନକୁ ବିରୋଧୀ ଦଳ ନେତା ନବୀନଙ୍କ ସମର୍ଥନ । ମଙ୍ଗଳବାର ଏ ନେଇ ସୂଚନା ଦେଇଛନ୍ତି ନବୀନ । ଡି-ଲିମିଟେଶନକୁ ନେଇ ହେବାକୁ ଥିବା ବୈଠକରେ ସାମିଲ ହେବାକୁ ଯାଉଛନ୍ତି ନବୀନ ପଟନାୟକ ।ନିମନ୍ତ୍ରଣ ପତ୍ର: ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ଦ୍ୱାରା ଚେନ୍ନାଇରେ ଏହାର ବୈଠକ ଅନୁଷ୍ଠିତ ହେବ । ଏ ନେଇ ଡିଏମକେ ଦଳ ଏମପି ଦୟାନିଧି ମାରନ ତାମିଲନାଡୁ ଶିକ୍ଷ ମନ୍ତ୍ରୀ ଟିଆରବି ରାଜା ନବୀନଙ୍କୁ ନିମନ୍ତ୍ରଣ ପତ୍ର ଦେଇ ସାକ୍ଷାତ୍ କରିଛନ୍ତି ।

## କିଡ଼ସ୍ ଏକାଡେମୀ ବିଦ୍ୟାଳୟର ୮ମ ବାର୍ଷିକ ଉତ୍ସବ ପାଳିତ









ଭୁବନେଶ୍ୱର, (ପି.ଏନ) : କିଡ଼ସ୍ ଏକାଡେମୀ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଗୁରୁକେଲୁ ଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମ ବିଭୂଷଣ ଶ୍ରୀଯୁକ୍ତ ସୁଦର୍ଶନ ସାହୁଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଡକ୍ଟର ଅଶୋକ ମହାପାତ୍ର ଏବଂ ମୁଖ୍ୟବକ୍ତା ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର କରୁଣାକର ନନ୍ଦ ଯୋଗ ଦେଇଥିଲେ। ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଜଗନ୍ନାଥଙ୍କର ଭଜନ ପରିବେଷଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୮୦ ଜଣ ବିଦ୍ୟାର୍ଥୀ ଓ ଅଭିଭାବକ ମାନଙ୍କର ସହଯୋଗରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ୧୦ ଜଣ ତାଲିମପ୍ରାପ୍ତ ଶିକ୍ଷୟତ୍ରୀମାନଙ୍କୁ ପଦକ ଓ ପ୍ରମାଣପତ୍ର ଅତିଥିମାନେ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ପାରମ୍ପାରିକ ନୃତ୍ୟ ଏବଂ ଆଧୁନିକ ନୃତ୍ୟ, ଇତ୍ୟାଦି ବେଶ୍ ଚିତାକର୍ଷକ ହୋଇଥିଲା। ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର କରୁଣାକର ନନ୍ଦଙ୍କ ସହଧର୍ମିଣୀ ଶ୍ରୀମତୀ ନନ୍ଦ କୃତି ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଏବଂ ଅଧକ୍ଷା ଶ୍ରୀମତୀ ଜାନକୀ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସୂଚାରୁ ରୂପେ ସମ୍ପର୍ଣ୍ଣ ହୋଇଥିଲା।

## ଜନ ଔଷଧୀ- ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ

ଭୁବନେଶ୍ୱର,୧୧।୩(ପି.ଏନ): ସହଜ ଏବଂ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ବ୍ୟବହାରକୁ ପ୍ରୋତ୍ସାହିତ କରିବା ତଥା ଏ ବାବଦରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମାର୍ଚ୍ଚ ୭ ତାରିଖକୁ 'ଜନ ଔଷଧୀ ଦିବସ' ଭାବରେ ପାଳନ କରାଯାଇଛି। ଚଳିତ ବର୍ଷ ଦେଶର ଜାତୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀଠାରେ ଏ ବିଷୟରେ ସଚେତନତା ସୃଷ୍ଟି ପାଇଁ ମାର୍ଚ୍ଚ ୧ରୁ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।ପ୍ରଥମ ଦିନରେ କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଥ ଏବଂ ଯାନବାହନକୁ ପତାକା ଦେଖାଇ ଆରମ୍ଭ କରିଥିଲେ। ଦ୍ୱିତୀୟ ଦିନରେ ଜନ ଆରୋଗ୍ୟ ମେଳା ସହିତ ଐତିହ୍ୟ ପଦଯାତ୍ରା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ୫୦୦+ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନରେ ପିଲାମାନଙ୍କ ଅଂଶଗ୍ରହଣ ଏବଂ ପୁଷ୍ଟିକର ଉତ୍ପାଦ ବଣ୍ଟନ ଉପରେ ଧ୍ୟାନ ଦିଆଯାଇଥିଲା। ଚତୁର୍ଥ ଦିନରେ ଜନ ଔଷଧି ଉତ୍ପାଦର ସୁଲଭତା ପ୍ରଦର୍ଶନ କରିବା ପାଇଁ ସାନିଟାରୀ ପ୍ୟାଡ୍ ବଣ୍ଟନରେ ମହିଳାମାନଙ୍କ ସମ୍ପୃକ୍ତି ଉପରେ ଆଲୋକପାତ କରାଯାଇଥିଲା। ପଞ୍ଚମ ଦିନରେ ୩୦ଟି ସହରରେ ଫାର୍ମାସିଷ୍ଟ ସଚେତନତା ସେମିନାର ଆୟୋଜନ କରାଯାଇଥିଲା। ଷଷ୍ଠ ଦିନରେ ଜନ ଔଷଧି ମିତ୍ର ସ୍ୱେଚ୍ଛାସେବକ ପଞ୍ଜିକରଣ ଅଭିଯାନ ଅନୁଷ୍ଠିତ ହୋଇଥିଲା ଏବଂ ସପ୍ତମ ଦିନରେ ଜନ ଔଷଧି ଦିବସ ପାଳନ କରାଯାଇଛି। ଅଷ୍ଟମ ଦିନରେ ଏହି କାର୍ଯ୍ୟକ୍ରମର ଉଦ୍?ଯାପନୀ ସହ ଜନଔଷଧି ଦିବସ ପାଳନ କରାଯାଇଛି।'ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ ପ୍ରକଳ୍ପ' ନଭେମ୍ବର ୨୦୦୮ରେ କେନ୍ଦ୍ରୀୟ ଫାର୍ମା ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ ସହିତ ମିଳିତ ଭାବରେ ଔଷଧ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିଲା। ଉତ୍ସର୍ଗୀକୃତ ଆଉଟଲେଟ୍ ମାଧ୍ୟମରେ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ଯୋଗାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହି ଆସିଛି। ପ୍ରତି ବର୍ଷ ଯେଉଁ ସଚେତନତା ଆୟୋଜନ କରାଯାଉଛି ତାହାର ଉଦ୍ଦେଶ୍ୟ ଭିତରେ ଜେନେରିକ୍ ଔଷଧର ପ୍ରେସକ୍ରିପସନ୍କୁ ଉତ୍ସାହିତ କରିବା ବି ସାମିଲ ରହିଛି। ଅର୍ଥାତ୍? ସ୍ୱାସ୍ଥ୍ୟସେବା ଯୋଗାଉଥିବା ବୃତ୍ତିଧାରୀ ବିଶେଷକରି ସରକାରୀ ହସ୍ପିଟାଲରେ ଥିବା ଡାକ୍ତରଙ୍କୁ, ଜେନେରିକ୍ ବିକଳ୍ପ ଲେଖିବାକୁ ପ୍ରୋତ୍ସାହିତ କରାଯାଉଛି। ଏହା ଦ୍ୱାରା ମୂଲ୍ୟ-ପ୍ରଭାବଶାଳୀ ଚିକିତ୍ସା ବିକଳ୍ପ ଉପଲବ୍ଧ ହୋଇପାରିବ ବୋଲି ଆଶା କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ କିଏ କରୁଛି ବଦନାମ: ବିଧାନସଭାରେ ଗୃହ ବିଭାଗର ଦାୟିତ୍ୱହୀନ ଉତ୍ତରକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୧୧।୩(ପି.ଏନ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବଦନାମ କରାଯାଉଛି କି? ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ବିଧାନସଭାରେ ଗୃହବିଭାଗ ଯେଉଁ ଲିଖିତ ଉତ୍ତର ରଖୁଛି ତାକୁ ପ୍ରସ୍ତୁତ କରୁଛି କିଏ? ବିଧାନସଭା ଭଳି ପବିତ୍ର ଗୃହରେ ଏଭଳି ଦାୟିତ୍ୱହୀନ ଓ ଅରୁଚିକର ଲିଖିତ ଉତ୍ତର ରଖିବାକୁ ପ୍ରଶାସନିକ କଳ ସାହାସ ଜୁଟାଉଛି କେମିତି? ନା ଗୃହବିଭାଗ ଯେଉଁ ଉତ୍ତର ଦେଇଛି ତାହା ମୁଖ୍ୟମନ୍ତ୍ରୀଙ୍କ ଜାଣତରେ ହୋଇଛି? ବିଧାନସଭାରେ



ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଏଭଳି ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ଗୃହ ବିଭାଗ କୁହାଇଛି ଯାହାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ବିଶେଷକରି ବୁଦ୍ଧିଜୀବୀ ମହଲରେ ଏହାକୁ ଗୃହ ବିଭାଗର ସଚିବ ଓ ଦାୟିତ୍ୱରେ ଥିବା ଅଫିସରମାନଙ୍କ ବେପରୁଆ ମନୋଭାବକୁ ପ୍ରମାଣିତ କରାଉଛି ବୋଲି ଚର୍ଚ୍ଚା ।ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ "ବଷ୍ଟି ଓ ବବଲିଙ୍କ କଳା ସାମ୍ରାଜ୍ୟର ପର୍ଦ୍ଦାଫାଶ କେବେ ସରିବ ଓ କଳାନାଟକର ହାଇପ୍ରୋଫାଇଲ୍ ଅନ୍ୟାନ୍ୟ ପ୍ରଭାବଶାଳୀ ବ୍ୟବସାୟୀ ଓ କଳା ନାଟ୍ୟକରମାନେ କିଏ, ଏହି ଯୋଡିଙ୍କ ପଲଟିକାଲ ଲିଙ୍କ୍ ବାହାର କରିବେ କି" ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଏକ ଲିଖିତ ପ୍ରଶ୍ନ କରିଛନ୍ତି ।








# ଖୁବଶୀଘ୍ର ବିବାହ କରିବେ ପୂଜା



ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିରୁ ବଲିଉଡ୍ ପର୍ଯ୍ୟନ୍ତ ସବୁଠି ନିଜର ଦୃଢ଼ ଅଭିନୟ ଦକ୍ଷତା ପ୍ରମାଣ କରିଥିବା ପୂଜା ହେଗଡେ ମନୋରଞ୍ଜନ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ। ପୂଜା ୨୦୧୪ରେ ବଲିଉଡ୍ ଅଭିନେତା ହ୍ରିତିକ ରୋଶନଙ୍କ ସହ ଫିଲ୍ମ 'ମହେଞ୍ଜୋଦାରୋ' ସହିତ ବଲିଉଡ୍ ଡେବ୍ୟୁ କରିଥିଲେ। ଏହି ଅଭିନେତ୍ରୀଙ୍କୁ ସଲମାନ ଖାନଙ୍କ ସହ ଶେଷ ଥର ପାଇଁ ଫିଲ୍ମ 'କିସି କା ଭାଇ କିସି କି ଜାନ'ରେ ଦେଖିବାକୁ ମିଳିଥିଲା। ଫିଲ୍ମ ପରେ ଏବେ ପୂଜା ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। କୁହାଯାଉଛି ଯେ ଅଭିନେତ୍ରୀ ଖୁବଶୀଘ୍ର ବିବାହ କରିବେ। କିଛି ମାସ ତଳେ ରୋହନ ମେହରାଙ୍କ ସହ ନଜର ଆସିଥିଲେ ପୂଜା। ସେବେଠାରୁ ଦୁହେଁ ପରସ୍ପରକୁ ଡେଟ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏବେ ରୋହନ, ପୂଜାଙ୍କ ମାତାପିତାଙ୍କ ସହ ନଜର ଆସିବାରୁ ଦୁହେଁ ଖୁବଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। ସମ୍ପର୍କ ଥିବା ନେଇ ଚର୍ଚ୍ଚା ହେବ ଆଶଙ୍କା କରି ରେଷ୍ଟୋରାଁ ବାହାରେ ରୋହନ, ପୂଜାଙ୍କ ସହ ଫଟୋ ଉଠାଇନଥିବା ବେଳେ ସେ ଏକାକୀ କ୍ୟାମେରା ଆଗରେ ପୋଜ ଦେଇଥିଲେ। ଏହା ସହ ପୂଜା ନିଜ ମାତାପିତାଙ୍କ ସହ ଫଟୋ ଉଠାଇଥିବା ଦେଖାଯାଇଥିଲା। ତେବେ ରୋହନ ମେହେରାଙ୍କ ବିଷୟରେ କହିବାକୁ ଗଲେ ସେ ଜଣେ ଅଭିନେତା । ସେ ୨୦୧୮ ରେ ଥ୍ରୀଲର ଫିଲ୍ମ ବାଜାର ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ଏଥିରେ ତାଙ୍କ ସହ ଅଭିନୟ କରିଥିଲେ ସୈଫ ଅଲି ଖାନ, ରାଧିକା ଆପ୍ଟେ ଏବଂ ଚିତ୍ରାଙ୍ଗଦା ସିଂଙ୍କ। ରୋହନ ସ୍ୱର୍ଗତ ଅଭିନେତା ବିନୋଦ ମେହେରାଙ୍କ ପୁଅ, ଯିଏ ହିନ୍ଦୀ ସିନେମାରେ ଲୋକପ୍ରିୟ ଥିଲେ।

# ଛାଡ଼ପତ୍ର ପରେ ଚିନ୍ତାରେ ଚାରୁ



ନିକଟରେ ଚାରୁ ଅସୋପା ନିଜ କାମ ଛାଡ଼ିବା ପ୍ରସଙ୍ଗକୁ ନେଇ କହିଛନ୍ତି, 'ମୁଁ ମୋର ୨ବର୍ଷର ଝିଅ ପାଇଁ ସୋ' ଛାଡ଼ିବା ପାଇଁ ବାଧ ହେଉଛି। କାରଣ ମୋ ଉପରେ ଅଧିକରୁ ଅଧିକ ଚାପ ରହୁଛି। କାମ ସହିତ ଘରକୁ ଦେଖିବା ଝିଅର ଯତ୍ନ ନେବା ଇତ୍ୟାଦି କାମ ଭାବିଥିଲି ତୁଲାଇ ଦେବି। କିନ୍ତୁ ସମୟ ସମୟରେ ସୁଟିଂରେ ଯାଇଥିବା ବେଳେ ଘରେ ଏମିତି ଜରୁରୀ ପରିସ୍ଥିତି ଥାଏ କି ସେଟରେ କାମକୁ ଅଧାରୁ ବନ୍ଦ କରି ଆସିବାକୁ ହୋଇଥାଏ। ଏହାଦ୍ୱାରା ସେଟରେ ଥିବା ଅନ୍ୟ ସଦସ୍ୟଙ୍କୁ ବି ଅସୁବିଧା ହୋଇଥାଏ। ମୁଁ ଚିନ୍ତା କଲି ଝିଅ ଜିୟାନାଙ୍କ ଯତ୍ନ ନେବା ସହିତ ସୋ' କରି ହେବନାହିଁ। ଜିୟାନା ଏବେ ସବୁକିଛି ଅନୁକରଣ କରୁଛି ଏଭଳି ସ୍ଥିତିରେ ମୁଁ ତାକୁ ସେଟକୁ ନେଇ ଯିବା ଉଚିତ ଭାବୁ ନାହିଁ। ଏବେ ମୁଁ ମୋର ସମସ୍ତ ସମୟ ଜିୟାନାକୁ ଦେବାକୁ ସ୍ଥିର କରିଛି। କାରଣ ମୋ ଜୀବନରେ ଝିଅ ମୋର ପ୍ରଥମ ପ୍ରାଧାନ୍ୟ କାମ ପାଇଁ ମୁଁ ତାକୁ ଅବହେଳା କରି ପାରିବି ନାହିଁ। ଜଣେ ସିଙ୍ଗଲ ମଦର ହୋଇଥିବାରୁ ମୋତେ ଅନେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡୁଛି। ତେଣୁ କାମକୁ ଛାଡ଼ିବା ନିଷ୍ପତି ନେବା ପାଇଁ ମୋତେ ୬ମାସର ସମୟ ଲାଗି ଯାଇଛି। ଜାଣିଛି ଏଭଳି ନିଷ୍ପତି ହେତୁ ଆଗକୁ ଯାଇ ମୋତେ ଆର୍ଥିକ ସମସ୍ୟା ଦେଖା ଦେଇପାରେ। କିନ୍ତୁ ଝିଅ ପାଇଁ ସବୁକିଛି ସମସ୍ୟାର ସାମ୍ନା କରିବାକୁ ସ୍ଥିର କରିଛି। ଘରେ ରହି କଂଟେଟ୍ କ୍ରିଏଟର, ୱେବ ସିରିଜ ଆଦି କାମ କରିବାର ଯୋଜନା ରହିଛି। ଚାରୁ ଅସୋପାଙ୍କ ବିବାହ ୨୦୧୯ରେ ସୁଷ୍ମିତା ସେନଙ୍କ ଭାଇ ରାଜୀବ ସେନଙ୍କ ସହିତ ହୋଇଥିଲା। ୨୦୦୩ରେ ଚାରୁ ଓ ରାଜୀବଙ୍କ ଛାଡ଼ପତ୍ର ହୋଇଯାଇଥିଲା।



# ଡିପଫେକ ଭିଡିଓ ଭାଇରାଲ, ଏତଲା ଦେଲେ ରଣବୀର

ଡିପଫେକ ଭିଡିଓ ଭାଇରାଲ ହେବା ପରେ ଏତଲା ରୁଜୁ କଲେ ବଲିଉଡ ଅଭିନେତା ରଣବୀର ସିଂ। ରଣବୀର ସିଂଙ୍କ ମୁଖପାତ୍ର ଏହି ଖବରକୁ ନିଶ୍ଚିତ କରିଛନ୍ତି । ଯେଉଁ ଆକାଉଂଟରୁ ଭିଡିଓଟି ସେୟାର କରାଯାଇଥିଲା ସେହି ଆକାଉଂଟ ବିରୋଧରେ ରଣବୀର ଏତଲା ରୁଜୁ କରିଥିବା ସାମ୍ନାକୁ ଆସିଛି । ସୂଚନା ମୁତାବକ, ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପୂର୍ବରୁ ବଲିଉଡ ଅଭିନେତା ରଣବୀର ସିଂଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା ଯେଉଁଥିରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରୁଥିବା ଦେଖାଯାଇଥିଲା। ପରେ ଭିଡ଼ିଓଟି ନକଲି ଓ ଡିପଫେକ କରାଯାଇଥିବା ଜଣାପଡିଥିଲା । ଏନେଇ ଅଭିନେତାଙ୍କୁ ଟ୍ରୋଲ କରାଯିବାରୁ ସେ ଏତଲା ରୁଜୁ କରିଥିବା ଜଣାପଡିଛି। ମୂଳ ଭିଡିଓରେ ରଣବୀର ସିଂ ବାରାଣସୀ ବୁଲିବା ପରେ ନିଜର ଅଭିଜ୍ଞତା ସେୟାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକଙ୍କୁ ଐତିହ୍ୟ ସହ ଯୋଡିବାର ଉଦ୍ଦେଶ୍ୟ ବିଷୟରେ ବୁଝାଉଥିଲେ। ହେଲେ ଡିପଫେକ ହୋଇଥିବା ଭିଡିଓରେ ସେ ତାହାର ଠିକ ବିପରୀତ କଥା କହୁଥିବା ଦେଖିବାକୁ ମିଳିଥିଲା। ସେ କହୁଥିଲେ ଯେ, "ଦେଶରେ ଥିବା ବିଭିନ୍ନ ସମସ୍ୟା ପାଇଁ ମୋଦୀଜୀ ଦାୟୀ ।

# 'ସମୟ ଅତ୍ୟନ୍ତ ମୂଲ୍ୟବାନ, ଠିକ୍ ଭାବେ ବ୍ୟବହାର କରାଯିବା ଉଚିତ୍'



ବଲିଉଡର ମିଷ୍ଟର ପରଫେକ୍ସନିଷ୍ଟ ଆମୀର ଖାନଙ୍କ ମଜାଳିଆ ଶୈଳୀ ଆଗାମୀ ଦିନରେ 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ରେ ଦେଖିବାକୁ ମିଳିବ। ଦୀର୍ଘଦିନର ଅପେକ୍ଷା ପରେ ଶେଷରେ ଆମୀର ଖାନ କମେଡି ସୋରେ ଅତିଥି ଭାବରେ ଯୋଗ ଦେବେ। 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ର ଏକ ନୂଆ ପ୍ରୋମୋ ସାମ୍ନାକୁ ଆସିଛି। ଯେଉଁଥିରେ ଆମୀର ଖାନ୍ ତାଙ୍କ ପିଲାମାନଙ୍କ ବିଷୟରେ କହିବା ସହ ପୁରସ୍କାର ସୋ', ଚଳଚ୍ଚିତ୍ର ଏବଂ ବିବାହ ବିଷୟରେ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି। 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ର ପ୍ରମୋରେ ଆମୀର ଖାନ୍ କପିଲ ଶର୍ମା ଏବଂ ତାଙ୍କ ସହିତ ଥିବା ସଦସ୍ୟଙ୍କ ସହ ବହୁତ ମଜା କରୁଥିବା ଦେଖିବାକୁ ମିଳିଛି। ଏଥିରେ ପ୍ରଶ୍ନ ଏବଂ ଉତର ସେକସନ ସମୟରେ ଅର୍ଚ୍ଚନା ପୁରନ ସିଂ ଆମୀରଙ୍କୁ ପଚାରିଛନ୍ତି ଯେ ଆପଣ ପୁରସ୍କାର ପାଇବାକୁ କାହିଁକି କୌଣସି ପୁରସ୍କାର ବିତରଣ ଉତ୍ସବକୁ ଯାଉନାହାଁନ୍ତି ? ଏହାର ଉତରରେ ଆମୀର ଖାନ କହିଛନ୍ତି- 'ସମୟ ଅତ୍ୟନ୍ତ ମୂଲ୍ୟବାନ, ଏହାକୁ ସଠିକ୍ ଭାବରେ ବ୍ୟବହାର କରାଯିବା ଉଚିତ୍।' ଏଥିସହିତ ସିନେମା ନିର୍ମାଣକୁ ନେଇ କପିଲଙ୍କ ପ୍ରଶ୍ନର ଉତର ଦେଇ ଅମୀର କହିଛନ୍ତି, 'ମୁଁ କିଛିଦିନ ତଳେ ଦୁଇଟି ସିନେମା ନିର୍ମାଣ କରିଥିଲି।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Wednesday March 12 ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୧୨, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଲକ୍ଷପତି ଦିଦି ସମ୍ପର୍କିତ ଜିଲ୍ଲା ସ୍ତରୀୟ କର୍ମଶାଳା

## ମହିଳାଗଣ ସୁଦୃଢ ଓ ସ୍ୱାବଲମ୍ବୀ ହେବା ମୂଳ ଲକ୍ଷ



ରାୟଗଡ,(ପି.ଏନ): ମିଶନ୍ ଶକ୍ତି ବିଭାଗ ଅନ୍ତର୍ଗତ ଓଡିଶା ଜୀବୀକା ମିଶନ୍ ଦ୍ୱାରା ଓଡିଶାର ପ୍ରତ୍ୟେକ ମହିଳା ଗଣ ଆର୍ଥକ ସ୍ଥିତିର ସୃଦଢ ହୋଇ ସେମାନେ କେମିତି ସ୍ୱାବଲମ୍ବୀ ହୋଇ ପାରିବେ ସେହି ଲକ୍ଷ୍ୟ ନେଇ "ଲକ୍ଷପତି ଦିଦି" କାର୍ଯ୍ୟକ୍ରମ, ମଙ୍ଗଳବାର ଏହି ସମ୍ପର୍କିତ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ରାୟଗଡ ସଦର ମହକୁମାସ୍ଥିତ ଗୋବିନ୍ଦ ଚ଼ନ୍ଦ୍ର ଉଚ୍ଚ଼ ବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ରାୟଗଡ ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁର ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଏହାର ଶୁଭାରମ୍ଭ କରି ନିଜ ବକ୍ତବ୍ୟରେ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ ଯେ, ଭାରତର ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ତଥା ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କର ଲକ୍ଷ୍ୟ ରହିଛି ପ୍ରତ୍ୟେକ ମହିଳାଙ୍କ ଆର୍ଥିକ ସ୍ଥିତିର ଉନ୍ନତି ହୋଇ ସେମାନେ କିଭଳି ସୁଦୃଢ ହୋଇ ପାରିବେ ସେଥି ଘେନି "ଲକ୍ଷପତି ଦିଦି" କାର୍ଯ୍ୟକ୍ରମ ଏହି କର୍ମଶାଳା ଦ୍ୱାରା ମହିଳାଗଣ କିଭଳି ଆତ୍ମ ସ୍ୱାବଲମ୍ବୀ ହୋଇ ପାରିବେ, ବିଭିନ୍ନ ବିଭାଗ ଦ୍ୱାରା ସେମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇ ପ୍ରେରଣା ଯୋଗାଇ ଦିଆଯାଉଛି । ପ୍ରତ୍ୟେକ ମହିଳା କୃଷି ଓ ବ୍ୟବସାୟ ସମ୍ପର୍କିତ ଜ୍ଞାନ ଆହରଣ କରି ବିଭିନ୍ନ ବିଭାଗ ଦ୍ୱାରା ପ୍ରଦତ୍ତ ଯୋଜନାରେ ସାମିଲ ହୋଇ ସେଥିରୁ ଉପକୃତ ହୋଇ ନିଜକୁ ସୁଦୃଢ କରିପାରିବେ । କୃଷି ଭିତ୍ତିକ ପନିପରିବା ଚ଼ାଷ ତଥା ବ୍ୟାଙ୍କ ସେବା ମାଧ୍ୟମରେ ବିଭିନ୍ନ ରୋଜଗାର ପନ୍ଥା ଗ୍ରହଣ କରି ନିଜର ଆର୍ଥିକ ମାନଦଣ୍ଡର ଉନ୍ନତି ଆଣି ନିଜେ ସ୍ୱାବଲମ୍ବୀ ହେବା ସାଥେ ସାଥେ ନିଜ ପରିବାର ବର୍ଗଙ୍କ ଉନ୍ନତି ଦିଗରେ ଯଥା ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ ନେଇପାରିବେ । ନିଜ ଗାଁ ତଥା ନିଜେ ବସ,ବାସ ଅଞ୍ଚଳର ସମ୍ବଳକୁ ନେଇ ବିନିଯୋଗ କରିପାରିବେ, ଯଦ୍ୱାରା ନିଜେ ରୋଜଗାର କରି ତାହାର ସଞ୍ଚୟ କରି ଲକ୍ଷପତି ଦିଦି ହେବାର ସୁଯୋଗ ପାଇ ପାରିବେ । ଏଥି ସକାଶେ ଜିଲ୍ଲା ପ୍ରଶାସନ ସବୁବେଳେ ସହଯୋଗ କରିପାରିବା ସହିତ ଜିଲ୍ଲାର ତଥା ସାରା ରାଜ୍ୟର ଅଭିବୃଦ୍ଧି ଦିଗର ବାଟ ଉନ୍ମୁକ୍ତ ହୋଇ ପାରିବ ବୋଲି ଜଣାଇଥିଲେ । ସେହିପରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚ଼ନ୍ଦ୍ର ନାୟକ ମଧ୍ୟ ଯୋଗଦାନ କରି ମିଶନ ଶକ୍ତି ମହିଳା ମାନବକୁ ଉତ୍ସାହିତ କରିଥିଲେ କ୍ଷ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ ।କର୍ମଶାଳାର ପ୍ରରମ୍ଭରେ ଓଡିଶା ଜୀବୀକା ମିଶନ ର ଡିପିଏମ ଶଙ୍କର ଚ଼ାଲାନ ପ୍ରାରମ୍ଭିକ ସୂଚ଼ନା ପ୍ରଦାନ କରିଥିଲେ କ୍ଷ ସେହିପରି କୃଷି, ଉଦ୍ୟାନ,ପଶୁ ସମ୍ପଦ, ମତ୍ସ୍ୟ ବିଭାଗ ପକ୍ଷରୁ ଲକ୍ଷପତି ଦିଦି ନିମିତ୍ତ କଣ ସବୁ ଯୋଜନା ରହିଛି ଏଥିରୁ କିଭଳି ଫାଇଦା ପାଇବେ ତାହା ସଂପୃକ୍ତ ଲିଡ୍ ବ୍ୟାଙ୍କ ପରିଚ଼ାଳକ , ଜିଲ୍ଲା ଶିଳ୍ପ ବିଭାଗ ସାଧାରଣ ପରିଚ଼ାଳକ, ଓରମାସ୍ ଡେପୁଟି ସିଇଓ ପ୍ରମୁଖ ନିଜ ନିଜ ବିଭାଗର କାର୍ଯ୍ୟକାରିତା, ଯୋଜନା ଏବଂ ଏଥିରୁ କିଭଳି ଲକ୍ଷପତି ଦିଦି ନିମନ୍ତେ ଲାଭ ପାଇବେ ତାହା କର୍ମଶାଳାଟିରେ ଅବଗତ କରାଇଥିଲେ । ଜିଲ୍ଲାର ଚ଼ାରି ହଜାରରୁ ଅଧିକ ମହିଳା ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିଲେ ।

## ବିକାଶରୁ ବହୁ ଦୂରରେ ଆଦିବାସୀ ଗାଁ

କଳାହାଣ୍ଡି ,(ପି.ଏନ): ଗାଁରେ ଟ୍ରାନ୍ସଫର୍ମର ବସିଛି, ବିଦ୍ୟୁତ୍ ଖୁଣ୍ଟ ଅଛି, ତାର ଟଣା ହୋଇଛି, କିନ୍ତୁ ବିଜୁଳି ନାହିଁ। ବର୍ତ୍ତମାନ ବିଦ୍ୟୁତ୍ ଉପଭୋକ୍ତା ୧୨ ବର୍ଷ ହେଲା ଅନ୍ଧାରରେ ଦିନ କାଟୁଥିବା ଅଭିଯୋଗ ହୋଇଛି। ସେଭଳି ଗାଁକୁ ରାସ୍ତା ନାହିଁ,ପାନୀୟଜଳ ପାଇଁ ବାଲିଚୁଆ ଉପରେ ଭରସା କରିଛନ୍ତି ଗ୍ରାମବାସୀ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ବେଡାଗାଁ ପଞ୍ଚାୟତ ଅନ୍ତର୍ଗତ ତାଡିଝୁଲା ଗାଁରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ସୂଚ଼ନା ମୁତାବକ, ତାଡିଝୁଲା ଗାଁରେ ୧୦ ଘର କୁଟିଆ କନ୍ଧ ସମ୍ପ୍ରଦାୟର ଲୋକ ସ୍ୱାଧୀନତା ପୂର୍ବରୁ ବସବାସ କରି ଆସୁଛନ୍ତି। ପାନୀୟଜଳ ପାଇଁ ଗୋଟିଏ ନଳକୂଅ ରହିଛି।୧୫ ବର୍ଷ ହେଲା ନଳକୂପ ଟି ଦାହନୀୟ ଅବସ୍ଥାରେ ରହିଥିବା ଯୋଗୁଁ ଆବଶ୍ୟକ ପରିମାଣର ପାଣି ମିଳୁନାହିଁ। ତେଣୁ ଗାଁ ନିକଟସ୍ଥ ଆଲିମରା ଡଙ୍ଗରରୁ ଆସୁଥିବା ପାଣିକୁ ଏକ କୁଣ୍ଡ କରି ସେହି କୁଣ୍ଡରେ ଏକ ପାଇପ ଲଗାଇ ସେହି ପାଣିକୁ ପାନୀୟଜଳ ଭାବେ ଶୋଷ ମେଣ୍ଟାଇବା ଅତ୍ୟନ୍ତ ଦୁଃଖଦ ଘଟଣା। ଯାହା ଫଳରେ ଖୋଲା ଆକାଶ ତଳେ ଥିବା ଏହି କୁଣ୍ଡର ପାଣି ଗୋଳିଆ ହୋଇ ରହିଥିବା ବେଳେ ସେହି ପାଣିରେ ବନ୍ୟପ୍ରାଣୀ, କୀଟ ପତଙ୍ଗ, ଆବର୍ଜନା ବସ୍ତୁ ପଡ଼ି ରହିଥିବାରୁ ସେହି ପାଣିକୁ ଲୋକେ ଗାଧେଇବା ଓ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିବା ସହିତ ସେହି ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରିବା ଯୋଗୁଁ ଏହି ଗାଁ ଲୋକଙ୍କ ଶରୀରରେ ରୋଗ ଘର କରି ରହିଛି। ସେହିଭଳି ଆଜିକୁ ୧୨ ବର୍ଷ ପୂର୍ବେ ? ଗାଁର ୪ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା।ତେବେ ବିଦ୍ୟୁତ୍ ସଂଯୋଗର ମାତ୍ର ଏକ ମାସ ଆଲୁଅ ଜଳିବା ପରେ ଟ୍ରାନ୍ସଫର୍ମର ରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେହିଦିନଠାରୁ ଗାଁରେ ବିଜୁଳି ନାହିଁ। ଟ୍ରାନ୍ସଫର୍ମର ମରାମତି ପାଇଁ ବାରମ୍ବାର ଦାବି ହେଲେ ବି ବିଭାଗୀୟ ଅଧିକାରୀ ଶୁଣୁ ନଥିବା ଗାଁ ଲୋକେ କହୁଛନ୍ତି। ଅନ୍ୟପଟେ ସନ୍ଧ୍ୟା ହେଲେ ବନ୍ୟପ୍ରାଣୀ ଓ ହାତୀର ଭୟରେ ଥରୁଛି ଗାଁ। ଗାଁକୁ ହାତୀପଲ ଆସିବା ଜାଣିପାରି ଭୟରେ ଗ୍ରାମବାସୀ ସମସ୍ତେ ଏକତ୍ରିତ ହୋଇ ଗାଁ ମୁଣ୍ଡରେ ନିଆଁ ଜାଳି ଜଗି ରହୁଛନ୍ତି । ଗାଁରେ ବିଦ୍ୟୁତ୍ ନଥିବା ଯୋଗୁଁ ଏପରି ପରିସ୍ଥିତି ସାମ୍ନା କରିବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି। ସ୍ୱାଧୀନତା ପୂର୍ବରୁ ବସବାସ କରୁଥିବା ଏହି ଗାଁର ମୁଖ୍ୟ ସମସ୍ୟା ହେଉଛି ରାସ୍ତା।ଦେହେଡା ଗାଁ ଠାରୁ ଏହି ଗାଁ ୧ କିମି ଦୂର ରହିଥିବା ବେଳେ କେବଳ ପାଦଚ଼ଲା ରାସ୍ତା ଅଛି।ଗାଁକୁ ଆମ୍ବୁଲାନ୍ସ ଯିବା ଦୂରର କଥା ବାଇକ ଯିବା କଷ୍ଟ କଷ୍ଟକର ହୋଇ ପଡୁଛି।ଯାହା ଫଳରେ ଗୁରୁତର ରୋଗୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଦେହେଡା ଗାଁ ପର୍ଯ୍ୟନ୍ତ ଖଟିଆରେ ବୋହିକି ନେବାକୁ ପଡୁଛି।ଗାଁରେ ସ୍କୁଲ ନଥିବା ଯୋଗୁଁ ସେହି ଲଟାବୁଡ଼ା ପାଦଚ଼ଲା ରାସ୍ତାରେ ପିଲା ନିକଟସ୍ଥ ଗାଁ ଦିନ୍ଧିବାହିଲି ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାଉଥିବା ବେଳେ ନିକଟସ୍ଥ ଦେହେଡା ଗାଁ ଅଙ୍ଗନବାଡି କେନ୍ଦ୍ରକୁ କୋମଳମତି ।





## ଡକ୍ଟର ସୁନୀତି ମୁଣ୍ଡଙ୍କ କାରକୁ ଜଣେ ବାଇକ ଆରୋହୀ ଧକ୍କା



ଭୁବନେଶ୍ୱର, (ପି.ଏନ): ଆଜି ଡ. ସୁନୀତି ମୁଣ୍ଡଙ୍କ କାରକୁ ଜଣେ ଅଜ୍ଞାତ ବାଇକ ଆରୋହୀ ଧକ୍କା ଦେଇଥିଲା। ସେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଦିନ ପ୍ରାୟ ୧.୩୦ ସମୟରେ ଏହି ଘଟଣା ଘଟିଥିଲା । କୁହାଯାଉଛି ଯେ ଏହି ଘଟଣା ରାଜପଥରେ ଘଟିଥିଲା ଯେଉଁଠାରେ ଦ୍ରୁତ ଗତିରେ ଆସୁଥିବା ମୋଟରସାଇକେଲ ହଠାତ୍ ତାଙ୍କ କାରକୁ ପଛପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। କାରଟି ଧୀରେ ଧୀରେ ଗତି କରୁଥିବାରୁ କୌଣସି ଦୁର୍ଘଟଣା ଘଟି ନଥିଲା । ଯୁବକ ମାନଙ୍କ ଏଭଳି ବେପରୁଆ ଗାଡି ଚ଼ଳାଇବାକୁ ସୁନୀତି ନିନ୍ଦା କରିବା ସହିତ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଡକ୍ଟର ମୁଣ୍ଡଙ୍କ ମନରେ ଏହି ବିଷୟ ପ୍ରଶ୍ନ ସୃଷ୍ଟି କରିଛି, କାରଣ ଏହିପରି ଧୀର ଚ଼ଳନ କାରକୁ ଧକ୍କା ଦେବାର ଅର୍ଥ କଣ ହୋଇପାରେ । ସେ କହିଛନ୍ତି ଯେ ଯୁବକଙ୍କର ବେପରୁଆ ତଥା ସଚେତନତା ଅଭାବ ଆଜି ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲା, ଏଥିପ୍ରତି ଜନସାଧାରଣ ସଚେତନ ରୁହନ୍ତୁ ବୋଲି ସେ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ଭଦ୍ରକ ପୂର୍ବରୁ ରାଜରାସ୍ତାରେ ଥିବା ଏକ ରେଷ୍ଟୁରାଣ୍ଟରେ ଦ୍ୱିପହର ଭୋଜନ କରିବା ପରେ ସେ ଆଗକୁ ଯିବା ମାତ୍ରେ ମୋଟରସାଇକେଲ ଆରୋହୀ କାରଟିର ପଛପଟୁ ହଠାତ ଧକ୍କା ଦେଇଥିଲା। ଯାହା କି ଖୁବ୍ ଜୋରରେ ଶବ୍ଦ ହେଲା, ସେ ଭାବିଲେ ଟାୟାର୍ ଫାଟିଲା ତେବେ ଗାଡି ଚ଼ାଲୁଥିବା ଅବସ୍ଥାରେ ଥିଲା କିଛି ସମୟ ଇତଃସ୍ତତଃ ଭାବେ ଦେଖିବା ବେଳକୁ ବାଇକ୍ ଚ଼ାଳକ ନିଜ ବାଇକ୍ ଧରି ଚ଼ାଲିଗଲା। ଏହି ସମ୍ପର୍କରେ ସେ ପୋଲିସ ପାଖରେ ସୂଚ଼ନା ଦେଇଛନ୍ତି। ଅଭିଯୋଗ ଦାଖଲ କରିନାହାଁନ୍ତି। କାରର ଅଧିକ କ୍ଷୟ କ୍ଷତି ହୋଇଛି। ସୁନୀତି ଏହି ଦୁର୍ଘଟଣାରେ କୌଣସି ଗୁରୁତର ଆହତ ହୋଇନାହାଁନ୍ତି, ତାଙ୍କ କାରର ପଛ କବାଟ ମଧ୍ୟରୁ ଗୋଟିଏରେ ବ୍ୟାପକ କ୍ଷତି ଘଟିଛି। କାରର ଗତି ଅଧିକ ନଥିଲା, ନଚେତ୍ ଏକ ବଡ଼ ଦୁର୍ଘଟଣା ଘଟିଯାଇଥାନ୍ତା । ସୁନୀତି ମୁଣ୍ଡ ଜଣେ ରାଜନେତା, ସାମାଜିକ କର୍ମୀ ତଥା ଲେଖକ। ଏଭଳି ପରିସ୍ଥିତିରେ ଏହି ଘଟଣା ଚ଼ର୍ଚ୍ଚାର ବିଷୟ ପାଲଟିଛି।

## ହିନ୍ଦୁ ନବବର୍ଷରେ ତାଳଚେରରେ ବିଶାଳ ହିନ୍ଦୁ ରାଷ୍ଟ୍ର ମହାଧୀବେଶନ, ଯୋଗଦେବେ ଜଗତ ଗୁରୁ ପୁରୀ ଶଙ୍କରାଚାର୍ଯ୍ୟ



ତାଳଚେର ,(ପି.ଏନ): ତାଳଚେର କୁ ପୁରୀ ଗୋବର୍ଦ୍ଧନ ପିଠାଧୀସ ଜଗତ ଗୁରୁ ଶଙ୍କରାଚାର୍ଯ୍ୟ ପୂଜ୍ୟ ସ୍ୱାମୀ ନିଶ୍ଚଳା ନନ୍ଦ ସରସ୍ୱତୀ ଙ୍କର ଆଗମନ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି ।ଆଗାମୀ ମାର୍ଚ୍ଚ ୩୦ ରବିବାର ହିନ୍ଦୁ ନବବର୍ଷ ରେ ଜଗତ ଗୁରୁ ଶଙ୍କରାଚାର୍ଯ୍ୟ ତାଳଚେର ଦେଉଳବେଡା ଦୁର୍ଗା ମଣ୍ଡପ ପଡିଆ ଠାରେ ବିଶାଳ ହିନ୍ଦୁ ରାଷ୍ଟ୍ର ମହାଧିବେଶନ ରେ ଯୋଗଦେଇ ଦିବ୍ୟ ସନ୍ଦେଶ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ଶଙ୍କରାଚାର୍ଯ୍ୟ ସ୍ୱାଗତ ସମିତି ର ସଂଯୋଜକ ପର୍ଶୁରାମ ବାରିକ ପ୍ରକାଶ କରିଛନ୍ତି ।ଜଗତ ଗୁରୁ ଶଙ୍କରାଚାର୍ଯ୍ୟ ଆଗାମୀ ମାର୍ଚ୍ଚ ୨୯ ତାରିଖ ରାତ୍ରୀ ରେ ଟ୍ରେନ ଯୋଗେଁ ତାଳଚେର ରେ ପହଂଚିବା ପରେ ସେଠାରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ଏକ ବିରାଟ ପଟୁଆର ରେ ହାଣ୍ଡିଧୂଆଁ ସ୍ଥିତ ଡା ସଂଜୀବ ରାଉତ ଙ୍କ ନିବାସ ଙ୍କୁ ନିଆଯିବ ।ପରଦିନ ମାର୍ଚ୍ଚ ୩୦ ରେ. ସମଗ୍ର ରାଜ୍ୟରୁ ଆସିଥିବା ସାଧୁ ସନ୍ଥ ଓ ମହନ୍ତ ଙ୍କ ସହ ଏକ ସଂଗୋଷ୍ଠୀ କାର୍ଯ୍ୟକ୍ରମ ରେ ଯୋଗଦେବେ ।ପରେ ଦୀକ୍ଷା କାର୍ଯ୍ୟକ୍ରମ ରହିଛି ।ଅପରାହ୍ନ ୩ ଟାରେ ଘଣ୍ଟପଡା ପଂଚାୟତ ବାଘମରା ଠାରେ ଶ୍ରୀ ଶଙ୍କରାଚାର୍ଯ୍ୟ ଗୋଶାଳା ର ଉଦଘାଟନ କାର୍ଯ୍ୟକ୍ରମ ରହିଛି ।ସେଠାରୁ ଆସି ସନ୍ଧ୍ୟା ୫ ଟାରେ ଦେଉଳବେଡା ଦୁର୍ଗା ମଣ୍ଡପ ପଡିଆ ରେ ଏକ ବିଶାଳ ହିନ୍ଦୁରାଷ୍ଟ୍ର ମହାଧୀବେଶନ ରେ ଯୋଗଦେଇ ଦିବ୍ୟ ସନ୍ଦେଶ ପ୍ରଦାନ କରିବେ ।ଉକ୍ତ କାର୍ଯ୍ୟକ୍ରମ ରେ ସମଗ୍ର ଦେଶରୁ ବିଭିନ୍ନ ସ୍ଥାନରୁ ଶତାଧିକ ମଠର ମହନ୍ତ, ସାଧୁ ସନ୍ଥ, ବିଭିନ୍ନ ମତ ପନ୍ଥ ର ର ବିଶିଷ୍ଟ ବ୍ୟକ୍ତି ବିଶେଷ ଙ୍କ ସହ ହଜାର ହଜାର ସଂଖ୍ୟାରେ ସନାତନୀ ହିନ୍ଦୁ ଭାଇ ଭଉଣୀ ମାନେ ଯୋଗ ଦେବେ ବୋଲି ସଂଯୋଜକ ଶ୍ରୀ ବାରିକ ପ୍ରକାଶ କରିଛନ୍ତି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray